# ପରୀ, ସ୍ୱାତୀ ହତ୍ୟା ପରେ ଅସୁରକ୍ଷିତ ଶିଶୁ

■ଉପର ଠାଉରିଆ ତଦନ୍ତ ନେଲାଣି ୨ ନିଷ୍ପାପ ଜୀବନ

■ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ

■ଏସ୍‌ପିଙ୍କ ବଦଳି ଦାବି ଜୋର୍‌ଦାର

ନୟାଗଡ଼ ଅଫିସ,୧୫।୧୨

ପରୀ ପରେ ସ୍ୱାତୀଙ୍କୁ ଅପହରଣ ପରେ ହତ୍ୟା କରାଯାଇଛି। ଏପରି ଘଟଣା ପରେ ନୟାଗଡ଼ ଜିଲାରେ ଶିଶୁମାନେ ସୁରକ୍ଷିତ ନୁହନ୍ତି । ପୋଲିସର ଉପର ଠାଉରିଆ ତଦନ୍ତ ୨ ନିଷ୍ପାପ ଶିଶୁକନ୍ୟାଙ୍କ ଜୀବନ ନେଲା ବୋଲି ଅଭିଯୋଗ ହୋଇଛି। ପରୀ ହତ୍ୟା ଘଟଣା ପରେ ପୋଲିସ ଚାପରେ ଥିଲା । ହେଲେ ସ୍ୱାତୀ ଘଟଣାରେ ସେପରି କିଛି ନ ଥିଲେ ବି ପୋଲିସ ତଦନ୍ତରେ ବିଫଳ ହୋଇଛି । ସେଥିପାଇଁ 'ତଦନ୍ତ ଚାଲିଛି' ବୋଲି ପୋଲିସର ପୁରୁଣା ସଂଳାପ ଶୁଣିବାକୁ ଲୋକ ଆଉ ଆଗ୍ରହୀ ନୁହନ୍ତି । ଏହି ଘଟଣା ପରେ ଏସ୍‌ପିଙ୍କ ବଦଳି ଦାବି ଜୋର ଧରିଛି।

**ସନ୍ଦେହରେ ପୋଲିସ:** ସ୍ୱାତୀଙ୍କୁ ହତ୍ୟା କରାଯାଇଛି କି ସେ ପୋଖରୀରେ ପଡି ପ୍ରାଣ ହରାଇଛନ୍ତି ତାହା ସ୍ପଷ୍ଟ ହୋଇନି । ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି । ଏହା ପରେ ବି ସ୍ୱାତୀଙ୍କୁ ଯଦି ହତ୍ୟା କରାଯାଇଥାଏ ତେବେ ତଦନ୍ତକୁ ଏପଟସେପଟ କରିବାର ସମ୍ଭାବନା ରହିଛି । ବଧିପାଟଣା ପୋଖରୀରେ କାଳେ ସ୍ୱାତୀ ପଡିଯାଇଥିବା ସନ୍ଦେହ କରି ୩ ଦିନ ଧରି ଖୋଜା ଚାଲିଥିଲା । ହେଲେ ସ୍ୱାତୀଙ୍କ ଘରର ସମ୍ମୁଖରେ ଥିବା ତହଁଲାସାହି ପରିତ୍ୟକ୍ତ ଦଳଭର୍ତ୍ତି ଗାଡିଆକୁ ପୋଲିସ ଖୋଜି ନ ଥିଲା । ଏହାକୁ ନେଇ ପୋଲିସ ଉପରେ ଗ୍ରାମବାସୀଙ୍କ ସନ୍ଦେହ ବଢ଼ିଛି।

ସ୍ୱାତୀର ମୃତଦେହ ମିଳିବା ପରେ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ବଧିପାଟଣା ଗସ୍ତ କରିଥିଲେ । ଏହି ଦୁଇ ଭାଜପା ନେତ୍ରୀ କହିଛନ୍ତି, ପୋଲିସର ଅବହେଳା କାରଣରୁ ରାଜ୍ୟରେ ଏପରି ହତ୍ୟା ଘଟଣା ଘଟୁଛି। ସ୍ୱାତୀ ଘଟଣାକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ହୋଇଯିବ । ପୋଲିସ, ଦମକଳ ବାହିନୀ, ସ୍କୁବା ଡ୍ରାଇଭର, ଓଡ୍ରାଫ୍ ଟିମ୍ ଗାଁ ପୋଖରୀ ଖୋଜିଥିଲେ । ହେଲେ ଦଳଭର୍ତ୍ତି ଗାଡିଆକୁ ଅଣଦେଖା କରିଥିଲେ । ପୋଲିସର ନିଷ୍କ୍ରିୟତା ଓ ମାନବିକତାହୀନ କାର୍ଯ୍ୟ ଯୋଗୁ ୨ ଜୀବନ ଚାଲିଗଲା ବୋଲି ସେମାନେ କହିଛନ୍ତି । ଯାଜପୁର, ବାଲେଶ୍ୱରରେ ମଧ ଶିଶୁ ଅପହରଣ ହେଉଛି । ପ୍ରଶାସନ, ପୋଲିସ କଣ କରୁଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି ।

**ପରୀ ପରି ସ୍ୱାତୀ ହତ୍ୟା:** କଂଗ୍ରେସ ପକ୍ଷରୁ ପରୀ ନ୍ୟାୟ ରଥ ପରିକ୍ରମା କରୁଛି । ଏହାକୁ ଯଦିବା ପ୍ରଶାସନ ପକ୍ଷରୁ ସମାୟିକ ଭାବେ ବନ୍ଦ କରାଯାଇଛି ତେବେ ପରୀ ରଥରେ ସ୍ୱାତୀ ପ୍ରସଙ୍ଗ ରହିବ । ପରୀ ଓ ସ୍ୱାତୀ ନ୍ୟାୟ ପାଇବାକୁ ଦଳ ଆନ୍ଦୋଳନ ଚାଲୁ ରଖିବ । ପରୀ ଓ ସ୍ୱାତୀର ମୃତ୍ୟୁ ଏକା ପ୍ରକାରର । ପରୀର ମୃତଦେହ ପୋଖରୀ ହୁଡାରେ ମିଳିଥିବାବେଳେ ସ୍ୱାତୀର ମୃତଦେହ ଗାଡିଆ ପାଣିରୁ ମିଳିଛି । ତଫାତ୍ ଏତିକି ସ୍ୱାତୀର ମୃତଦେହ ମିଳିଛି, ପରୀର କିଛି ହାଡ ମିଳିଥିଲା । ଏହି ଦୁଇ ଘଟଣାରେ ପୋଲିସ ଓ ପ୍ରଶାସନ ବିଫଳତା ବାରି ହୋଇ ପଡୁଛି । ତଥାପି ସରକାର ନୟାଗଡ଼ ଜିଲାପାଳ ଓ ଏସ୍‌ପିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି ବୋଲି ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାସ କହିଛନ୍ତି ।



୫ଦିନ ନିଖୋଜ ପରେ ନୟାଗଡ଼ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ଅଧୀନ ବଧିପାଟଣା ଗାଁର ଏକ ପରିତ୍ୟକ୍ତ ପୋଖରୀରୁ ମଙ୍ଗଳବାର ସ୍ୱାତୀଙ୍କ ମୃତଦେହ ଜବତ ପରେ ଗାଁ ଲୋକଙ୍କ ଭିଡ଼ ।



ସ୍ୱାତୀଙ୍କ ଫାଇଲ ଫଟୋ ।

## ସଂକ୍ଷେପରେ

### ଭାଜପାର ରିଲେ ଅନଶନ ୧୧ ଦିନରେ ପହଞ୍ଚିଲା

**ନୟାଗଡ ଅଫିସ,୧୫।୧୨:** ପରୀ ପରିବାରକୁ ନ୍ୟାୟ ଦେବା ପାଇଁ ଭାଜପା ପକ୍ଷରୁ ଚାଲିଥିବା ରିଲେ ଅନଶନ ମଙ୍ଗଳବାର୧୧ ଦିନରେ ପହଞ୍ଚିଛି। ଏଥିରେ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିଭା ଶତପଥୀ ଓ ସୁବାସିନୀ ପୃଷ୍ଟି, ସୋସିଆଲ ମିଡିଆ ପ୍ରମୁଖ କସ୍ତୁରୀ ମିଶ୍ର, କଟକ ନଗର ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ପଟ୍ଟନାୟକ, ଶ୍ରୀରାମ ମଣ୍ଡଳ ସଭାପତି ଶଶୀରେଖା ଦାଶ ପ୍ରମୁଖ ଯୋଗ ଦେଇ ପରୀ ଓ ସ୍ୱାତୀ ହତ୍ୟା ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ଏହି ଅବସରରେ ମନ୍ତ୍ରୀ ଅରୁଣ ସାହୁଙ୍କୁ ବହିଷ୍କାର ଓ ପରୀ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି କରାଯାଇଥିଲା । ଦାବି ପୂରଣ ନ ହେବା ଯାଏ ଭାଜପା ଆନ୍ଦୋଳନରୁ ଓହରିବ ନାହିଁ ବୋଲି ବକ୍ତାମାନେ କହିଥିଲେ ।

### ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଯାଞ୍ଚ

**ପାରାଦୀପ,୧୫।୧୨(ସ୍ୱ.ପ୍ର.):** ପାରାଦୀପ ଟ୍ରକ୍ ମାଲିକସଂଘ କାର୍ଯ୍ୟାଳୟରେ ମଙ୍ଗଳବାର ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଯାଞ୍ଚ କରାଯାଇଛି। ୫ନଂ(କ) ରାଜପଥର ଜଳାଶୟ ପାଖରେ ଥିବା ପାରାଦୀପ ଟ୍ରକ୍‌ମାଲିକସଂଘରେ ଦିନ ୧୧ଟାବେଳେ ଏନ୍‌ଫୋର୍ସମେଣ୍ଟ ଟିମ୍ ପହଞ୍ଚି ସଂଘର କାଗଜପତ୍ର ତଦାରଖ କରିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏକ ଆବଦ୍ଧ ଘରେ ଯାଞ୍ଚ କାର୍ଯ୍ୟ ଜାରି ରହିଥିଲା। ଏ ସମ୍ପର୍କରେ ଟିମ୍ ପକ୍ଷରୁ କୌଣସି ମନ୍ତବ୍ୟ ଦିଆଯାଇ ନ ଥିବା ବେଳେ ସଂଘ ସଭାପତି ସୁମନ୍ତ କୁମାର ବିଶ୍ୱାଳ ଏହାକୁ ନିୟମିତ ଯାଞ୍ଚ ବୋଲି କହିଛନ୍ତି। ଟିମ୍ ପକ୍ଷରୁ ସଂଘର ଚାଲାଣ ଓ ଅନ୍ୟ ଆର୍ଥିକ କାରବାର ସମ୍ପର୍କରେ ତଦାରଖ କରାଯାଉଛି। ଏସବୁ ଜିଏସ୍‌ଟି ଅଧୀନରେ ଆସୁଛି କି ନାହିଁ ତାହାର ତର୍ଜମା କରାଯାଉଛି। ଏହା ସରକାରଙ୍କ ଏକ ପ୍ରକ୍ରିୟା ବୋଲି ବିଶ୍ୱାଳ ପ୍ରକାଶ କରିଛନ୍ତି। ଅପରପକ୍ଷେ ଆର୍ଥିକ ଅନିୟମିତତାକୁ ନେଇ ଏହି ଚଢ଼ାଉ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

### ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ଶ୍ରୀ ନୀଳମାଧବ

**ଖଣ୍ଡପଡା,୧୫।୧୨(ସ୍ୱ.ପ୍ର.):** କଣ୍ଟିଲୋ ନୀଳମାଧବ ପୀଠରେ ରବିବାରଠାରୁ ଆରମ୍ଭ ହୋଇଥିବା ଦେବ ଦୀପାବଳି ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ବହୁ ସଶ୍ରଦ୍ଧାଳୁ ସିଂହଦ୍ୱାର ନିକଟରେ ସମବେତ ହୋଇ ସେମାନଙ୍କ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ । ଏହି ଉପଲେକ୍ଷ ମଙ୍ଗଳବାର ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ସନ୍ଧ୍ୟା ଆଳତି ଓ ଧୂପ ପରେ ହାନ୍ଦୋଳାରେ ସିଂହଦ୍ୱାର ନିକଟକୁ ବିଜେ କରି ସେଠାରୁ ବିମାନରେ ଦୟଣା ଚୋରୀ ବଗିଚାକୁ ଯାଇଥିଲେ । ପୂଜାର୍ଚ୍ଚନା ପରେ ଠାକୁରଙ୍କ ପକ୍ଷରୁ ପୂଜାରୀ ଓ ସେବାସୀମାନେ ଦେବକୀ, ବାସୁଦେବ,ଯଶୋଦା, ନନ୍ଦ, ଦଶରଥ ଓ କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ପରେ ଶ୍ରୀ ଜୀଉ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ । ସିଧାମୂଳା ଗୋକୁଳାନନ୍ଦ ଜୀଉଙ୍କ ମନ୍ଦିରରେ ଦେବ ଦୀପାବଳି ଉତ୍ସବ ଶେଷ ହୋଇଛି ।

### ତିର୍ତ୍ତୋଲରେ ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ତିର୍ତ୍ତୋଲ,୧୫।୧୨(ଡି.ଏନ୍.ଏ.)- ଜଗତ୍‌ସିଂହପୁର ଜିଲାପାଳ ସରୋଜକାନ୍ତ ମିଶ୍ର ସୋମବାର ପ୍ରଥମଥର ତିର୍ତ୍ତୋଲ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏନେଇ ବ୍ଲକ କାର୍ଯ୍ୟାଳୟରେ ଏକ ବୈଠକ ଆୟୋଜନ କରାଯାଇ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଗ୍ରାମୀଣ ଆବାସ ଯୋଜନାର ସଫଳ ରୂପାୟନ ଓ ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଜୀବିକା ମିଶନ୍ ଉପରେ ଧ୍ୟାନ ଦେବାକୁ ମିଶ୍ର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଏହି ସମୀକ୍ଷା ବୈଠକରେ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ବିଡିଓ ଅଟଳ ବିହାରୀ ସ୍ୱାଇଁ, ଏବିଡିଓ ସତ୍ୟଜିତ ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜଦୀପ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ତହସିଲ ଏବଂ ବିଇଓ କାର୍ଯ୍ୟାଳୟରେ ମଧ ସମୀକ୍ଷା ହୋଇଥିଲା।

# ବିଶ୍ୱାବସୁଙ୍କ ଜନ୍ମସ୍ଥଳୀରେ ଧନୁପୂଜା ମହୋତ୍ସବ



ଖଣ୍ଡପଡା,୧୫।୧୨(ସ୍ୱ.ପ୍ର)

ନୀଳମାଧବ ଜୀଉଙ୍କ ଆଦ୍ୟ ସେବକ ଭାବେ ପରିଚିତ ଶବର ରାଜା ବିଶ୍ୱାବସୁଙ୍କ ଜନ୍ମ ପୀଠ ଧାନଚେଙ୍ଗାଡ ପଞ୍ଚାୟତ ଅନ୍ତର୍ଗତ କାଳିଆ ପଲ୍ଲୀ ଗ୍ରାମରେ ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ଧନୁପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିବାର ସ୍ଥାନୀୟ ବିଶ୍ୱାବସୁ ମଠରେ ଗୀତା ଯଜ୍ଞ ଓ ଭାଗବତ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଲାଖବିନ୍ଧା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଆଦିବାସୀ ଶବର ଜାତି ଲୋକଙ୍କର ଜୀବନ ଜୀବିକା ଓ ଆତ୍ମରକ୍ଷାର ଆୟୁଧ ହେଉଛି ଧନୁ ତୀର। ସେହି ଧନୁ ଓ ତୀରକୁ ଶ୍ରଦ୍ଧା ଓ ସମ୍ମାନ ଦେବା ଲକ୍ଷ୍ୟରେ କାଳିଆପଲ୍ଲୀର ଆବାଳ ବୃଦ୍ଧ ବନୀତା ଏହି ଧନୁପୂଜା ମହୋତ୍ସବ ଆଡମ୍ବର ସହକାରେ ପାଳନ କରିଥାନ୍ତି। ଧନୁ ସଂକ୍ରାନ୍ତି ଅବସରରେ ନିକଟସ୍ଥ ଧାଙ୍ଗେଡି ପାହାଡ ଉପରେ ବିରାଜିତ ଲଳିତ ମାଧବଙ୍କ ପୀଠରେ ଧାନଚେଙ୍ଗଡା ଗ୍ରାମବାସୀଙ୍କ ସହଯୋଗରେ ପ୍ରତିବର୍ଷ ଏହି ମହୋତ୍ସବ ପାଳିତ ହୋଇଥାଏ ।

# ବନ କର୍ମଚାରୀଙ୍କୁ ଆକ୍ରମଣ, ଜଣେ ଗିରଫ

■ମୁଖ୍ୟ ଅଭିଯୁକ୍ତ ଫେରାର

■ବୋଲେରୋ ଜବତ

ଓଡ଼ଗାଁ,୧୫।୧୨(ସ୍ୱ.ପ୍ର.)

କିଛିଦିନ ବ୍ୟବଧାନ ପରେ ସୋମବାର ନୟାଗଡ ଜିଲା ଓଡ଼ଗାଁ ବନାଞ୍ଚଳ ଓ ବାହାଡାଖୋଲା ସେକ୍ସନ ଅଧୀନ ବନ୍ଧାଭୂମିଠାରେ ବନ କର୍ମଚାରୀଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରିଛନ୍ତି । ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି । ମୁଖ୍ୟ ଅଭିଯୁକ୍ତ ଓ ତାଙ୍କର ଅନ୍ୟ ସହଯୋଗୀମାନେ ଫେରାର ହୋଇଯାଇଛନ୍ତି । ପୋଲିସ ଘଟଣାସ୍ଥଳରୁ ଏକ ବୋଲେରୋ ଜବତ କରିଛି ।

ସୂଚନା ଅନୁଯାୟୀ, ସୋମବାର ଓଡ଼ଗାଁ ବନାଞ୍ଚଳ ଓ ବାହାଡ଼ାଖୋଲା ସେକ୍ସନ ଅନ୍ତର୍ଗତ ଗୁଣ୍ଡୁରିବାରି-ବେଲଦ୍ୱାରା ସଂରକ୍ଷିତ ଜଙ୍ଗଲରେ ଜେସିବି ସାହାର୍ଯ୍ୟରେ କେତେକ ଶାଳ ଗଛ କଟାଯାଇଥିବା ବନବିଭାଗ କର୍ମଚାରୀମାନେ ପାଟ୍ରୋଲିଂ ସମୟରେ ଦେଖିଥିଲେ । ବନ କର୍ମଚାରୀମାନେ ସେହି ଗଛଗୁଡ଼ିକର ଫଟୋ ଉତ୍ତୋଳନ ବେଳେ ବନ୍ଧାଭୂମି ଗ୍ରାମର କେଦାର ସେଠୀ ଓ ତାଙ୍କ ସହଯୋଗୀମାନେ ଏହାକୁ ବିରୋଧ କରିଥିଲେ । ସେମାନେ ତାଙ୍କ ଗାଁର ସନାତନ ବେହେରାଙ୍କ ଦ୍ୱାରା ନିଆଯାଇଥିବା ରାସ୍ତାକାମ କରୁଥିବା କହିଥିଲେ। ଏହାକୁ ନେଇ ବନ କର୍ମଚାରୀଙ୍କ ସହିତ କେଦାରଙ୍କ ଯୁକ୍ତିତର୍କ ହୋଇଥିଲା। ଫଳରେ ତାଙ୍କ ସହଯୋଗୀମାନେ ବନ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ । ଏହି ଘଟଣା ପରେ ବନକର୍ମଚାରୀମାନେ ବାହାଡ଼ାଖୋଲା ଫେରୁଥିବା ବେଳେ ପୁଣିଥରେ ବନ୍ଧାଭୂମି ଗାଁ ମୁଣ୍ଡରେ ସେମାନଙ୍କୁ ଆକ୍ରମଣ କରାଯାଇଥିଲା । ଏପରି କି ଅଭିଯୁକ୍ତମାନେ ସେମାନଙ୍କ ପୋଷାକ ଚିରି ଦେବା ସହିତ ବାଇକ ଚାବି ଓ ସୁନା ଚେନ ନେଇ ଯାଇଥିଲେ । ଏ ସଂକ୍ରାନ୍ତରେ ବନ କର୍ମଚାରୀମାନେ ସ୍ଥାନୀୟ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ । ପୋଲିସ କେଦାର ଓ ସନାତନଙ୍କ ସମେତ ଅନ୍ୟ ସହଯୋଗୀଙ୍କ ବିରୋଧରେ ମାମଲା(ନଂ.୨୨୪/୨୦) ରୁଜୁ କରିଛି । କେଦାର ଓ ସନାତନ କୌଶଳ କ୍ରମେ ଜଣେ ଜନ ପ୍ରତିନିଧି ବ୍ୟବହାର କରୁଥିବା ଏକ ବୋଲେରୋ (ନଂ.ଓଆର୨୫ସି ୫୦୦୧)ରେ ଖସି ପଳାଇବାକୁ ଉଦ୍ୟମ କରିଥିଲେ । ଘଟଣାସ୍ଥଳରୁ କେଦାରର ଫେରାର ହୋଇଥିବା ବେଳେ ପୋଲିସ ସନାତନଙ୍କୁ ଗିରଫ କରିଛି । ସେମାନେ ବ୍ୟବହାର କରୁଥିବା ବୋଲେରୋ ଜବତ ହୋଇଛି । ମଙ୍ଗଳବାର ସନାତନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି ।

# ସେବାରେ ଲାଗୁନି ବଡ଼ଚଣା କୃଷି ବିଜ୍ଞାନ କେନ୍ଦ୍ର

■ମିଳୁନି ଆବଶ୍ୟକ ବିହନ ଓ ପରାମର୍ଶ

■ଚାଷୀ ମହଲରେ ଅସନ୍ତୋଷ

ଯାଜପୁର ଅଫିସ,୧୫।୧୨

କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ଯାଜପୁର ଜିଲା ବଡ଼ଚଣା କୃଷି ବିଭାଗ ଏନେଇ ଆଦୌ ତତ୍ପରତା ପ୍ରକାଶ କରୁ ନଥିବା ଚାଷୀ ମହଲରେ ଅଭିଯୋଗ ହେଉଛି। କାରଣ ଏଠାରେ ମୁଗ, ବିରି, ବାଦାମ ଆଦି ଆବଶ୍ୟକ ବିହନ ମିଳୁନାହିଁ। ବଡ଼ବାଲିକୁଦା, ମାଣ୍ଡୁକା, ଅଣକା, ନଳିପୁର, ଭରତପୁର, ବିକ୍ରମତିରଣ, ଅରଖପୁର, ଚାରିନଙ୍ଗଲ, କଳାଶ୍ରୀଗୋପାଳପୁର ଆଦି ପଞ୍ଚାୟତରେ ଅଧିକ ମାତ୍ରାରେ ବାଦାମ ଚାଷ ହେଉଛି। କିନ୍ତୁ ଚଳିତ ବର୍ଷ ସରକାରୀ ଭାବେ ବାଦାମ ବିହନ ମିଳି ନ ଥିବାରୁ ଚାଷୀମାନେ ବାହାର ବଜାରରୁ ଚଢା ଦରରୁ କିଣି ସର୍ବସ୍ୱାନ୍ତ ହୋଇଥିବା କହିଛନ୍ତି।

ସୂଚନାଯୋଗ୍ୟ, ବଡ଼ଚଣାରେ ଜିଲା କୃଷି ବିଜ୍ଞାନ କେନ୍ଦ୍ର ରହିଛି। ବଡ଼ଚଣା ବ୍ଲକ୍‌ର ମୋଟ ୪୩ଟି ଗ୍ରାମପଞ୍ଚାୟତରେ ୧୨୭୪୦ ହେକ୍ଟର ଧାନ ଚାଷ ପାଇଁ ଜମି ରହିଥିବାବେଳେ ୨୩୪୯ ହେକ୍ଟର ଅନ୍ୟ ପନିପରିବା ଚାଷ ହେଉଛି। ୨୦୧୯-୨୦ ଆର୍ଥିକ ବର୍ଷରେ ୧୧୮୦୦ ହେକ୍ଟର ଜମି ପାଇଁ ୪୨୮୪୦ କୁଇଣ୍ଟାଲ ଧାନ ବିହନ ଓ ୫ କୁଇଣ୍ଟାଇ ମୁଗ ବିହନ ଯୋଗାଇ ଦିଆଯାଇଥିଲା। ଏହା ଆବଶ୍ୟକତା ଠାରୁ କମ ହୋଇଥିବାରୁ ସେ ସମୟରେ ଚାଷୀ ଖୋଲା ବଜାରରୁ ଅଧିକ ଦରରେ କିଣି ଚାଷ କରିଥିଲେ। ୧୪ଟି ସମବାୟ ସମିତି ଜରିଆରେ ବିହନ ଓ ସାର ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଥିଲା। ମାତ୍ର କେତେକ ସମବାୟ ସମିତି ଥରକ ପାଇଁ ସାର ବିହନ ଆଣି ବନ୍ଦ କରିଦେଇଥିଲେ। ବ୍ଲକ୍‌ରେ ଡିଲରମାନଙ୍କ ମାଧ୍ୟମରେ ବିହନ ବିକ୍ରି ହେଉଥିଲା। ମାତ୍ର ଏଥିରେ ଅନେକ ଅସାଧୁ ଉପାୟ ଅବଲମ୍ବନ କରାଯାଇଥିବା ସେ ସମୟରେ ଅଭିଯୋଗ ହୋଇଥିଲା। ଫଳରେ ଚାଷୀ ଠିକ୍ ବିହନ ପାଇବାରୁ ବଞ୍ଚିତ ହୋଇଥିଲେ। ଉନ୍ନତ ପ୍ରଣାଳୀରେ ଚାଷ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ଆସୁଥିବା ଯୋଜନା ଚାଷୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଏଥିନେଇ କୃଷି ବିଭାଗ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ବ୍ୟବସ୍ଥା ଥିଲେ ମଧ ବଡ଼ଚଣା କୃଷି ବିଭାଗ ପକ୍ଷରୁ ତାହା କରାଯାଉ ନାହିଁ। ମୋବାଇଲରେ ନାମକୁ ମାତ୍ର ଅବଗତ କରାଯାଉଛି। ଯାହାକି ସବୁ ଚଷୀଙ୍କ ପକ୍ଷେ ଜାଣିବ ସମ୍ଭବ ହେଉନାହିଁ। ପୂର୍ବରୁ ଚିନାବାଦାମ ଚାଷପାଇଁ ସରକାରଙ୍କ ପକ୍ଷରୁ ପରୀକ୍ଷାମୂଳକ ଭାବେ ବିହନ ଆସିଥାଏ। ଚଳିତ ବର୍ଷ ତାହା ମଧ ଆସିନାହିଁ ବୋଲି ଅଭିଯୋଗ ହୋଇଛି। ଚାଷୀ ରଙ୍ଗାଧର ବେହେରା, ସାନ୍ତନୁ କୁମାର ମହାନ୍ତି କୁହନ୍ତି, ବାଦାମ ବିହନ ଯୋଗାଣ କ୍ଷେତ୍ରରେ ସରକାର ଅବହେଳା କରୁଛନ୍ତି। ଫଳରେ ଚାଷୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବଡ଼ଚଣା କୃଷି ଅଧିକାରୀ ଲୋକନାଥ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଏବର୍ଷ ବାଦାମ ବିହନ ଆସିନାହିଁ। ପରୀକ୍ଷାମୂଳକ ଚାଷ ମଧ ହୋଇନାହିଁ। ତେବେ ଚାଷୀଙ୍କୁ ସବୁ କ୍ଷେତ୍ରରେ ସହଯୋଗ ଦିଆଯାଉଛି ବୋଲି ସେ ସଫେଇ ଦେଇଛନ୍ତି।

# ଶ୍ରୀନୀଳମାଧବ ଜୀଉଙ୍କ ପହିଲି ଭୋଗ ନୀତି ଆରମ୍ଭ

ଖଣ୍ଡପଡା, ୧୫।୧୨ (ସ୍ୱ.ପ୍ର.)

ମଙ୍ଗଳବାର ଧନୁ ସଂକ୍ରାନ୍ତି ତିଥିରେ କଣ୍ଟିଲୋ ନୀଳମାଧବ ଜୀଉଙ୍କ ପହିଲି ଭୋଗ ନୀତି ଆରମ୍ଭ ହୋଇଛି । ଏହି ଅବସରରେ ଠାକୁରଙ୍କ ପାଖରେ ଧନୁ ମୁଆଁ ଭୋଗ ଲାଗି ହୋଇଥିଲା । ଭୋର ସାଢେ ୩ଟାରେ ଦ୍ୱାର ଫିଟାଯାଇ ମନ୍ଦିର ଶୋଧ ହେବା ପରେ ଭୋର ୪ଟାରେ ମଙ୍ଗଳଆଳତୀ କରାଯାଇଥିଲା। ମଇଲମ, ତଡପଲାଗି ଓ ଅନ୍ୟାନ୍ୟ ନୀତି ପରେ ସକାଳ ୬ଟା ସୁଦ୍ଧା ପହିଲି ଭୋଗ ନୀତି ସଂପନ୍ନ କରାଯାଇଥିଲା । ପରେ ସକାଳ ଧୂପ କୋଠ ଭୋଗ ନୀତି ସଂପନ୍ନ ହୋଇଥିଲା । ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ପ୍ରଭୁଙ୍କ ଦିବା ପହୁଡ ନୀତି ଅନୁଷ୍ଠିତ ହୋଇଥିଲା । ଏହି ମାସରେ ଲକ୍ଷ୍ମୀ ସାଆନ୍ତାଣୀ ତାଙ୍କ ବାପ ଘରକୁ ଯାଇଥିବା ଯୋଗୁ ଏବେ ଶ୍ରୀଜୀଉ ତାଙ୍କ ମା'ଙ୍କ ହାତ ତିଆରି ରନ୍ଧା ଖାଇବା ହେଉଛି ପହିଲି ଭୋଗର ବିଶେଷତ୍ୱ। ଏହି ବିଧି ଆସନ୍ତା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

# ଟି-୨୦କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଖଣ୍ଡପଡା,୧୫।୧୨(ସ୍ୱ.ପ୍ର.)

ଖଣ୍ଡପଡାର ମା'ଉମାଦେବୀ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଉମାଦେବୀ କ୍ରୀଡାଙ୍ଗନରେ ସୋମବାର ଠାରୁ ଟି-୨୦ ଖଣ୍ଡପଡା କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ମ୍ୟାଚ୍‌ରେ କଣ୍ଟିଲୋ ବରୁଣେଇ କ୍ରିକେଟ ଆସୋସିଏଶନ ୩ ଉଇକେଟରେ ମା'ବାଗାଡାଗୁଣୀ କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି । ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥି ଭାବେ ଭିକାରୀ ଖଣ୍ଡାୟତ, ସୌମ୍ୟ ରଞ୍ଜନ ପଣ୍ଡା, କଳ୍ପତରୁ ପଟ୍ଟନାୟକ ଯୋଗଦେଇଥିଲେ। ଟସ୍ ଜିଣି ବାହାଡା ଟିମ୍ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲା। ଜବାବରେ କଣ୍ଟିଲୋ ଟିମ୍ ୧୮.୫ ଓଭରରେ ୭ ଉଇକେଟ ବିନିମୟରେ ୧୫୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ମ୍ୟାଚକୁ ପ୍ରସନ୍ନ କୁମାର ସ୍ୱାଇଁ ଓ ଆଲୋକ ମହାନ୍ତି ପରିଚାଳନା କରିଥିଲେ ।

# ମାମଲା ରୁଜୁ କରି ପୋଲିସ ଚୁପ୍

**ବ୍ୟବସାୟୀଙ୍କଠାରୁ ୧.୭୯ ଲକ୍ଷ ଲୁଟ୍ ଘଟଣା**

■ଆନ୍ଦୋଳନ ପାଇଁ ବ୍ୟବସାୟୀ ସଂଘର ଚେତାବନୀ

ବରୀ,୧୫।୧୨(ଡି.ଏନ.ଏ.)

ବରୀ ଥାନା ଅଧୀନ ମାଳଦା ଗ୍ରାମର ଗ୍ରସେରି ବ୍ୟବସାୟୀ ଧୀରେନ୍ଦ୍ର ନାୟକଙ୍କଠାରୁ ବଡ଼ଚଣାଠାରେ ହୋଇଥିବା ୧ ଲକ୍ଷ ୭୯ ହଜାର ଲୁଟ୍ ଘଟଣାରେ ବଡ଼ଚଣା ଥାନା ପୋଲିସ କେବଳ ମାମଲା ରୁଜୁ କରି ବସିପଡ଼ିଛି। ଫଳରେ ଏହାକୁ ନେଇ ଲୁଟ୍‌ର ଶିକାର ବ୍ୟବସାୟୀ ଚିନ୍ତିତ ହୋଇପଡ଼ିଛନ୍ତି। ନ୍ୟାୟ ପାଇଁ ସେ ଜିଲା ଏସ୍‌ପିଙ୍କୁ ଭେଟି ଗୁହାରି କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ତାଙ୍କୁ ନ୍ୟାୟ ମିଳି ପାରିନାହିଁ। ପୋଲିସ ଯଦି ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ ନ କରେ ୭ ଦିନ ମଧ୍ୟରେ ବାଲିଆପାଳ ବାବା ଆଖଣ୍ଡଳମଣୀ ବଜାର କମିଟି ପକ୍ଷରୁ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରାଯାଇ ପ୍ରତିବାଦ କରାଯିବ ବୋଲି ଚେତାବନୀ ଦିଆଯାଇଛି।

୨୩।୧୧।୨୦ରେ ବାଲିଆପାଳରୁ ପିକ୍‌ଅପ୍ ଭ୍ୟାନ ଭଡ଼ାକରି ଧୀରେନ୍ଦ୍ର କଟକ ମାଲଗୋଦାମକୁ ଯାଉଥିଲେ। ବଡ଼ଚଣା କଡ଼େଇ ଛକଠାରେ ଚାରି ଯୁବକ ଆସି ପିକ୍‌ଅପ୍‌କୁ ଅଟକାଇବା ସହ ଧୀରେନ୍ଦ୍ରଙ୍କୁ ମାଡ଼ ମାରି ଟଙ୍କା ଛଡାଇ ନେଇଥିଲେ। ଧୀରେନ୍ଦ୍ର ବଡ଼ଚଣା ଥାନାରେ ଅଭିଯୋଗ କଲାପରେ ପୋଲିସ ପିକ୍‌ଅପ୍ ଭ୍ୟାନ ଡ୍ରାଇଭରଙ୍କୁ ପଚରା ଉଚରା କରିବାରୁ ସେ ଉକ୍ତ ଲୁଟ୍‌ରେ ସାମିଲ ଥିବା କହିଥିଲେ। ପୋଲିସ ୩୯୪/୨୯୪ ଆଇପିସିରେ ମାମଲା (ନଂ. ୩୮୮/୨୦) ରୁଜୁ କରି ସମ୍ପୃକ୍ତ ଡ୍ରାଇଭରଙ୍କୁ ଅଟକ ରଖିଥିଲା। ପରବର୍ତ୍ତୀ ଅବସ୍ଥାରେ ଗାଡି ମାଲିକ ଅଜୟ ନାୟକଙ୍କ ଦାୟିତ୍ୱରେ ଡ୍ରାଇଭରଙ୍କୁ ପୋଲିସ ଛାଡ଼ି ଦେଇଥିଲା। ତେବେ ଧୀରେନ୍ଦ୍ର ଟଙ୍କା ପାଇ ନ ଥିବାରୁ ବଜାର କମିଟିକୁ ଜଣାଇଥିଲେ। ପରେ ବଜାର କମିଟି ସଦସ୍ୟ ଓ ଧୀରେନ୍ଦ୍ର ଥାନାଧିକାରୀଙ୍କୁ ଭେଟି ଘଟଣାକୁ ଗୁରୁତ୍ୱ ଦେବାକୁ ନିବେଦନ କରିଥିଲେ। ମାତ୍ର ତିନି ସପ୍ତାହ ଅତିକ୍ରମ କରିଥିଲେ ହେଁ ପୋଲିସ ମାମଲା ଉପରେ ପାଦେ ବି ଆଗକୁ ଯାଇ ନ ଥିବା ଧୀରେନ୍ଦ୍ର ଅଭିଯୋଗ କରିଛନ୍ତି। ଥାନାଧିକାରୀ ପ୍ରିୟବ୍ରତ ରାଉତ କହିଛନ୍ତି, ଗାଡ଼ି ଡ୍ରାଇଭର ଲୁଟ୍‌ରେ ସମ୍ପୃକ୍ତ ଥିବା ସ୍ୱୀକାର କରିଛନ୍ତି। ତେବେ ସେ ଫେରାର ଥିବାରୁ ତଦନ୍ତରେ ବାଧା ସୃଷ୍ଟି ହୋଇଛି। ଖବ୍‌ଶୀଘ୍ର ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

# ପାନୀୟ ଜଳ ପ୍ରକଳ୍ପରେ ନିମ୍ନମାନର କାମକୁ ବିରୋଧ

■ପ୍ରକଳ୍ପ କାର୍ଯ୍ୟ ବନ୍ଦ ରଖିଛନ୍ତି ଗ୍ରାମବାସୀ

■ବିନା ଅନୁମତିରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଖୋଳାଯାଇଛି

ନାଉଗାଁ,୧୫।୧୨(ସ୍ୱ.ପ୍ର.)

ନାଉଗାଁ ବ୍ଲକ କୋରୁଅ ପଞ୍ଚାୟତ ଅନ୍ତର୍ଗତ ଗାରୋଇଠାରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। ମାତ୍ର ଏଠାରେ ନିମ୍ନମାନର କାମ ଚାଲିଥିବା ଅଭିଯୋଗ କରି ଗ୍ରାମବାସୀ କାମ ବନ୍ଦ କରିଦେଇଛନ୍ତି। ନିର୍ମାଣ କାର୍ଯ୍ୟ ପାଖରେ ସୂଚନା ଫଳକ ଲାଗି ନାହିଁ। ବିନା ଅନୁମତିରେ ପାଇପ୍ ବିଛାଇବା ଲାଗି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାକୁ ଖୋଳା ଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଗାରୋଇ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମ୍ୟ ଜଳ ପରିମଳ ବିଭାଗ ପକ୍ଷରୁ ଗ୍ରାମର ମାଉସୀ ମା' ମନ୍ଦିର ନିକଟରେ ସୁଉଚ୍ଚ ପାଣି ଟାଙ୍କି ନିର୍ମାଣ ପାଇଁ ଟେଣ୍ଡର କରାଯାଇଥିଲା। ଏଥିପାଇଁ ୬୪,୭୮,୩୧୦ ଟଙ୍କା ବ୍ୟୟ ଅଟକଳ କରାଯାଇ ଜଣେ ଠିକାଦାରଙ୍କୁ ନିର୍ଦ୍ଦେଶନାମା ପ୍ରଦାନ କରାଯାଇଛି। ମାତ୍ର ସମ୍ପୃକ୍ତ ଠିକାଦାର ନିମ୍ନମାନର କାମ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାଣି ଟାଙ୍କି ନିକଟରୁ ୬୦୦ ମିଟର ପର୍ଯ୍ୟନ୍ତ ୧୬୦ ଏମ୍‌ଏମ୍ ପାଇପ, ୩୦୦ ମିଟର ପର୍ଯ୍ୟନ୍ତ ୧୧୦ ଏମ୍‌ଏମ୍ ପାଇପ ଏବଂ ୩୨୦୦ ମିଟର ପର୍ଯ୍ୟନ୍ତ ୯୦ ଏମ୍‌ଏମ୍ ପାଇପ ବିଛାଇବା ପାଇଁ ନିୟମ ରହିଛି। କିନ୍ତୁ ସମ୍ପୃକ୍ତ ଠିକାଦାର ଏହି ନିୟମକୁ ଉଲ୍ଲଂଘନ କରୁଛନ୍ତ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଗ୍ରାମ୍ୟ ଜଳ ଉନ୍ନୟନ ବିଭାଗ ପକ୍ଷରୁ ଦୀର୍ଘ ୧୫ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ପାଇପ୍‌କୁ ନ ବଦଳାଇ ସେଥିରେ ନୂତନ ସଂଯୋଗ କରିବାକୁ ମସୁଧା ଚାଲିଛି ବୋଲି ଗ୍ରାମର ଦେବାଶିଷ ବିଶ୍ୱାଳ, ଦିବାକର ବିଶ୍ୱାଳ, ସୁଧୀର ପଣ୍ଡା, ନାରାୟଣ ପାଳ ଓ ମୋହନ ବିଶ୍ୱାଳ ପ୍ରମୁଖ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ହୋଇଥିବା ଗାରୋଇ-ମାଛଗାଁ ରାସ୍ତାକୁ ବିନା ଅନୁମତିରେ ବେଆଇନ ଭାବେ ଜେସିବି ମେଶିନ୍ ସାହାଯ୍ୟରେ ଖୋଳି ପାଇପ ବିଛା କାର୍ଯ୍ୟ ଚାଲିଛି। ରାସ୍ତାପାର୍ଶ୍ୱ ଖୋଳାଯିବା ଦ୍ୱାରା ଏହା ଦବି ଖାଲ ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ସେମାନେ ପ୍ରକାଶ କରିଛନ୍ତି। ଏହି ରାସ୍ତା ଖୋଳିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗଠାରୁ ଅନୁମତି ନିଆଯାଇ ନାହିଁ ବୋଲି ବିଭାଗୀୟ ଯନ୍ତ୍ରୀ ବିନୋଦ ତରାଇ କହିଛନ୍ତି। ସେହିପରି କାର୍ଯ୍ୟ ସରିବାକୁ ବସିଥିଲେ ମଧ ଏପର୍ଯ୍ୟନ୍ତ ସୂଚନା ଫଳକ ଲଗାଯାଇନାହିଁ। ଫଳରେ କାର୍ଯ୍ୟର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାମ ବନ୍ଦ କରିଥିବା ଗ୍ରାମବାସୀଙ୍କ ସହ ନିର୍ବାହୀ ଯନ୍ତ୍ରୀ ତପନ ରାଉତ, ଗ୍ରାମ୍ୟ ଜଳ ପରିମଳ ବିଭାଗ ଯନ୍ତ୍ରୀ ପ୍ରଦୀପ୍ତ କୁମାର ବରାଳ ଆଲୋଚନା କରିଛନ୍ତି। ତଦନ୍ତ ପରେ ଏ ନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ବରାଳ କହିଛନ୍ତି, ସୂଚନା ଫଳକ ଲଗାଇବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କ'ଣ ପାଇଁ ଲଗାଯାଇନାହିଁ ସେ ବିଷୟରେ ତଦନ୍ତ କରାଯିବ। ପୁରୁଣା ପାଇପ ବଦଳରେ ନୂତନ ପାଇପ ପକାଇବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ନିର୍ବାହୀ ଯନ୍ତ୍ରୀ ରାଉତ କହିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଗାରୋଇ-ମାଛଗାଁ ରାସ୍ତାକୁ ବିନା ଅନୁମତିରେ ଖୋଳି ଦିଆଯାଇଛି।

**ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ**

ପାରାଦୀପ,(ସ୍ୱ.ପ୍ର.)-ପାରାଦୀପ ଆଦର୍ଶ ଥାନା ଅଠରବାଙ୍କୀ ଲକ୍ପଡା ବସ୍ତିରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ବସ୍ତିର କାଳିଆ ବର୍ମନ(୧୮)। ସନ୍ଧ୍ୟାରେ ମା'ବାପା ବାହାରେ ଥିବାବେଳେ କାଳିଆ ଘରେ ଥିବା ପଙ୍ଖାରେ ରଶି ଲଗାଇ ଝୁଲି ପଡ଼ିଥିଲେ। ମା'ବାପା ଘରକୁ ଫେରି ତାଙ୍କୁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର କାଳିଆଙ୍କୁ ମୃତ ଘୋଷଣା କରିଥିଲେ। ଥାନାରେ ଅଭିଯୋଗ ପରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ପଟ୍ଟାମୁଣ୍ଡାଇ,୧୫।୧୨ (ସ୍ୱ.ପ୍ର.) :** ପଟ୍ଟାମୁଣ୍ଡାଇ ଥାନା ତନୁପୁର ଗାଁର ଭୋବନୀ ସାହୁଙ୍କ ପୁଅ ସଞ୍ଜୟ (୩୩) ସୋମବାର ରାତି ସାଢ଼େ ୯ଟାରେ ତାଙ୍କ ଦୋକାନ ପାଖରେ ଥିବା ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସଞ୍ଜୟଙ୍କ ମୃତ୍ୟୁରେ ତାଙ୍କ ଝିଅ ଓ ସ୍ତ୍ରୀ ବେସାହାରା ହୋଇ ପଡିଛନ୍ତି। ରାତିରେ ସଞ୍ଜୟ ଶୌଚ ହେବାକୁ ପୋଖରୀକୁ ଯାଇଥିଲେ। ମାତ୍ର ତାଙ୍କ ଗୋଡ଼ ଖସିଯିବାରୁ ସେ ପୋଖରୀ ଭିତରକୁ ପଡିଯାଇଥିଲେ। ପାଣି ଭିତରୁ ସେ ଆଉ ଉଠି ପାରି ନ ଥିଲେ। ଏହା ପ୍ରଚାର ହେବା ପରେ ଯୁବକମାନେ ତାଙ୍କୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ତରୀୟ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଞ୍ଜୟ ଘର ନିକଟରେ କ୍ୟାବିନ ପକାଇ ପାନ ଦୋକାନ କରିଥିଲେ। ତାଙ୍କ ମୃତ୍ୟୁରେ ଗାଁରେ ଶୋକରଛାୟା ଖେଳିଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଶ୍ରୀବଳଦେବଜୀଉ ମନ୍ଦିରରେ ପହିଲି ଭୋଗ ଆରମ୍ଭ

**କେନ୍ଦ୍ରାପଡା ଅଫିସ, ୧୫।୧୨:** କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥିତ ଶ୍ରୀବଳଦେବଜୀଉ ମନ୍ଦିର ପରମ୍ପରା ଅନୁଯାୟୀ ମଙ୍ଗଳବାରଠାରୁ ପହିଲି ଭୋଗ ଆରମ୍ଭ ହୋଇଛି। ଧନୁ ସଂକ୍ରାନ୍ତିଠାରୁ ମାସାନ୍ତ ପର୍ଯ୍ୟନ୍ତ ଏହି ଦେବନୀତି ପ୍ରତ୍ୟହ ଅନୁଷ୍ଠିତ ହେବ। ରୀତିନୀତି ଅନୁସାରେ ଶ୍ରୀଜୀଉଙ୍କ ପହଡ଼ ରାତି ସାଢ଼େ ୨ରୁ ଫିଟା ହୋଇଥିଲା। ଶ୍ରୀଜୀଉଙ୍କ ମଙ୍ଗଳ ଆଳତି, ସ୍ନାନ ପରେ ଗୋପାଳବଲ୍ଲଭ ମଣୋହୀରେ ପୋଡ଼ପିଠା, କାକରା, ଡାଲିମ୍ବ, ମଗଜ ଲଡୁ ଆଦି ଠାକୁରଙ୍କ ନିକଟରେ ଲାଗି ହୋଇଥିଲା। ସେହିପରି ଗୋପାଳବଲ୍ଲଭ ମଣୋହୀରେ ପକୁଡି ଆଳତି ହୋଇଥିଲା। କିମ୍ବଦନ୍ତୀ କୁହେ, ଏହି ମାସରେ ମା' ଲକ୍ଷ୍ମୀ ଠାକୁରାଣୀ ବାପଘରକୁ ଯାଇଥା'ନ୍ତି। ସେହିପରି ଚଉଦକୁଳାଟସ୍ଥ ଶ୍ରୀଦଧିବାମନ ଜୀଉ ମନ୍ଦିରରେ ଧନୁ ସଂକ୍ରାନ୍ତି ଅବସରରେ ପହିଲି ଭୋଗ ଆରମ୍ଭ ହୋଇଛି।

### ବାଇକ୍ ଦୁର୍ଘଟଣା : ଜଣେ ମୃତ, ୧ ଗୁରୁତର

**ପଟ୍ଟାମୁଣ୍ଡାଇ, ୧୫।୧୨ (ସ୍ୱ.ପ୍ର.) :** ପଟ୍ଟାମୁଣ୍ଡାଇ ଥାନା ବଡପଡା ସମିତି ରାସ୍ତାରେ ସୋମବାର ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ମହାକାଳପଡ଼ା ବ୍ଲକ ବଢିହ ପଞ୍ଚାୟତ ରାମଚନ୍ଦ୍ରପୁର ଗାଁର କୁନା ଜେନା (୨୨)ବୋଲି ଜଣାପଡିଛି। ଆହତ ହେଲେ ପଟ୍ଟାମୁଣ୍ଡାଇ ବ୍ଲକ ମହନପୁର ଗ୍ରାମର ଫଗୁଆ ମଲିକ। କୁନା ଫଗୁଆଙ୍କ ସହ ପଟ୍ଟାମୁଣ୍ଡାଇକୁ ଯାଉଥିଲେ। ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛରେ ପିଟି ହୋଇ ଯାଇଥିଲା। ଦୁର୍ଘଟଣାରେ ବାଇକ୍ ଚାଳକ କୁନାଙ୍କ ବାମ ଗୋଡ଼, ଛାତି ଓ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ପଛରେ ବସିଥିବା ଫଗୁଆ ଦୂରକୁ ଛିଟିକି ପଡି ଗୁରୁତର ଆହତ ହୋଇଛନ୍ତି। ସେ ରାସ୍ତା ଉପରକୁ ଆସି ଡାକ ପକାଇଥିଲେ। କେତେଜଣ ଲୋକ ଆସି ଗୁରୁତର ଫଗୁଆଙ୍କୁ ଚିକିତ୍ସା ଲାଗି ପ୍ରଥମେ ପଟ୍ଟାମୁଣ୍ଡାଇ ପରେ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ସକାଳେ ରାସ୍ତା କଡରେ କୁନା ମୃତଦେହ ପଡିଥିବା ଲୋକେ ଦେଖି ଅନ୍ୟମାନଙ୍କୁ ଜଣାଇଥିଲେ। ବହୁ ସମୟ ପରେ ରାମଚନ୍ଦ୍ରପୁର ଗାଁର କୁନା ବୋଲି ଜଣାପଡିଥିଲା। ଖବରପାଇ ଏଏସ୍ଆଇ ଗୋବିନ୍ଦ ବେହେରା ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି। ପଟ୍ଟାମୁଣ୍ଡାଇ ଥାନାରେ କେସ୍ ନଂ. ୫୪୧/୨୦ ରୁଜୁ ହୋଇଛି।

### ଦେଢ଼ବର୍ଷ ପରେ ବସିଲା ପଞ୍ଚାୟତ ସମିତି ବୈଠକ

**ରଘୁନାଥପୁର,୧୫।୧୨(ଡି.ଏନ୍.ଏ.):** ଦୀର୍ଘ ଦେଢ଼ବର୍ଷର ବ୍ୟବଧାନ ପରେ ରଘୁନାଥପୁର ବ୍ଲକର ଷଷ୍ଠ ପଞ୍ଚାୟତ ସମିତି ବୈଠକ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ପୂର୍ବରୁ ବାରମ୍ବାର ବିବାଦ ଘଟି ଏହା ଅସଫଳ ହେଉଥିଲା। ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରଖି ସମିତି ବୈଠକ କରିବାରେ ସଫଳ ହୋଇଛନ୍ତି। ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା, ଜଳ ଯୋଗାଣ ଓ ପରିମଳ ଏବଂ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷା ସ୍ୱପ୍ନା ସରିତା ବଳ ଅଧକ୍ଷତା କରିଥିଲେ। ଉପାଧକ୍ଷ ଦେବାଶିଷ ତ୍ରିପାଠୀ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ଜିଲା ପରିଷଦ ସଭ୍ୟ ଡେଜାଲିନ ମହାପାତ୍ର ଓ ଅଶୋକ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ମନିଟରିଂ କମିଟି ମିଟିଂରେ ବାହାରିଲାନି ନିଷ୍କର୍ଷ

## ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ

**କେନ୍ଦ୍ରାପଡ଼ା ଅଫିସ, ୧୫।୧୨**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହାଠାରେ ଖରସ୍ରୋତା ନଦୀରେ ମେଗା ପାନୀୟ ଜଳ ପ୍ରକଳ୍ପରୁ ଭଦ୍ରକ ଜିଲାକୁ ପାଣି ଦେବା ବିବାଦ ଭିନ୍ନ ସ୍ଥିତିରେ ପହଞ୍ଚିଛି। ପ୍ରକଳ୍ପରୁ ଭଦ୍ରକକୁ ପାନୀୟ ଜଳ ଯୋଗାଣ ସପକ୍ଷରେ ପ୍ରଶାସନର ସମସ୍ତ ଚେଷ୍ଟା ସତ୍ତ୍ୱେ କୌଣସି ନିଷ୍କର୍ଷ ବାହାରି ପାରୁନାହିଁ। ପାଣିଉଠା ସ୍ଥାନ କେନ୍ଦ୍ରାପଡ଼ା ଜିଲାର ବରୁଣାଡିହା ଓ ବିଶୋଧନାଗାର ଭଦ୍ରକ ଜିଲାର ନୂଆହାଟ ଭିତରକନିକା ପରିବେଶ ସମ୍ବେଦନଶୀଳ (ଇକୋ ସେନ୍‌ସିଟିଭ) ଜୋନରେ ଯାଉଛି। ମନିଟରିଂ କମିଟିର ମଞ୍ଜୁରୀ ନ ଥାଇ ବର୍ଷେ ହେଲା ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଆଇନଗତ ସମସ୍ୟା ସୃଷ୍ଟି ହୋଇଛି। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଭିତରକନିକା ଇକୋ ସେନ୍‌ସିଟିଭ ଜୋନ ମନିଟରିଂ କମିଟିର ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଦ୍ୱିତୀୟଥର ପାଇଁ ବସିଥିଲା। ପ୍ରଶାସନ ପ୍ରକଳ୍ପ ସପକ୍ଷରେ ପ୍ରସ୍ତାବ ଆଗତ କରି ଆଲୋଚନା ଚଳାଇଥିଲା। ତେବେ ସଦସ୍ୟଙ୍କ ବିରୋଧ ଯୋଗୁ ପ୍ରଶାସନ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିନାହିଁ।

ବରୁଣାଡିହାସ୍ଥିତ ଖରସ୍ରୋତା ନଦୀର ଏହି ପ୍ରକଳ୍ପରୁ ଭଦ୍ରକ ଜିଲାର ବାସୁଦେବପୁର, ଧାମନଗର, ତିହିଡ଼ି ଓ ଚାନ୍ଦବାଲି ବ୍ଲକର ୯୧ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାର ମଞ୍ଜୁରୀ ଦେଇଛନ୍ତି। ଏଥିପାଇଁ ବସୁଧା ଯୋଜନାରେ ୮୯୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନୂଆହାଟଠାରେ ଜଳ ବିଶୋଧନ ପ୍ରଣାଳୀର ନିର୍ମାଣ କାର୍ଯ୍ୟ ଚାଲିଛି। ବିଭିନ୍ନ ଅଞ୍ଚଳରେ ପାଇପ୍ ବିଛା ଯାଉଛି। ହେଲେ ବରୁଣାଡିହା ଓ ନୂଆହାଟ ଅଞ୍ଚଳ ଭିତରକନିକା ଇକୋ ସେନ୍‌ସିଟିଭ ଜୋନରେ ରହିଥିବାରୁ ମନିଟରିଂ କମିଟିର ସୁପାରିସ ଆବଶ୍ୟକ। ବୈଠକରେ ଏନ୍‌ଜିଟି ମାମଲା ଓ ୨୦୧୨ ପୂର୍ବରୁ ଥିବା ଏକ ରିପୋର୍ଟ ପ୍ରଶାସନ ପକ୍ଷରୁ ଉପସ୍ଥାପନ କରାଯାଇଥିଲା। ଏଥିରେ ଇକୋ ସେନ୍‌ସିଟିଭ ଜୋନ ଅଞ୍ଚଳରେ ମେଗା ପାନୀୟ ଜଳ ପ୍ରକଳ୍ପର ପ୍ରଭାବ ସମ୍ପର୍କରେ କୌଣସି ତଥ୍ୟ ନ ଥିବାରୁ କମିଟି ସଦସ୍ୟ ଶ୍ରୀକାନ୍ତ ନାୟକ ବିରୋଧ କରିଛନ୍ତି। ଏହି ଯୋଜନାରେ ବର୍ଷା ଜଳ ସଂରକ୍ଷଣ ପାଇଁ ବ୍ୟବସ୍ଥା କରିବାକୁ ଥିବା ବେଳେ କେଉଁ ତଥ୍ୟ ଆଧାରେ ପ୍ରକଳ୍ପ ହେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ଉଠାଇବାକୁ ଥିବା ଜଳର ପରିମାଣ, ସ୍ଥାନୀୟ କୃଷି ଓ ଭିତରକନିକାର ଜୈବ ବିବିଧତା ନଷ୍ଟ ସମ୍ପର୍କରେ ଉଚ୍ଚସ୍ତରୀୟ ସର୍ବେକ୍ଷଣ ପାଇଁ ସେ ଦାବି କରିଥିଲେ। କମିଟି ସଦସ୍ୟ ନାୟକଙ୍କ ବିରୋଧ ସତ୍ତ୍ୱେ ପ୍ରକଳ୍ପର ଆବଶ୍ୟକତା ଦର୍ଶାଇ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ମେଗା ପାନୀୟ ଜଳ ପ୍ରକଳ୍ପ ଇକୋ ସେନ୍‌ସିଟିଭ ଜୋନ୍ ମଧ୍ୟରେ ଥିବାରୁ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଲୋଚନାର ସମସ୍ତ ତଥ୍ୟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ। ଜିଲାପାଳ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ, ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ଦିଲୀପ ଦେହୁରୀ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ କୁମାର ଦେଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସ୍ଥାନୀୟ କୃଷି ଓ ଭିତରକନିକାର ଜୈବ ବିବିଧତା ପ୍ରଭାବିତ ଆଶଙ୍କାରେ ବରୁଣାଡିହା ମେଗା ପାନୀୟ ଜଳ ପାଣି ପ୍ରକଳ୍ପକୁ ସ୍ଥାନୀୟ ଅଞ୍ଚଳବାସୀ ବର୍ଷେ ହେଲା ବିରୋଧ ଜାରି ରଖିଛନ୍ତି। ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ମାନବ ଶୃଙ୍ଖଳ, ଜନସମାବେଶ, ଜଳ ସତ୍ୟାଗ୍ରହ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଖରସ୍ରୋତାକୁ ମରିବାକୁ ଦିଆଯିବନାହିଁ ବୋଲି ଘୋଷଣା କରାଯାଇଛି। ସେହିପରି ଜିଲାର ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ ଜାତୀୟ ଉଦ୍ୟାନର ଜୈବ ବିବିଧତାକୁ ଅକ୍ଷୁଣ୍ଣ ରଖିବାକୁ ମତବ୍ୟକ୍ତ କରିଛନ୍ତି।

# ଲକ୍ଷ୍ମୀନାରାୟଣ ପୂଜା ଆରମ୍ଭ



ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି।

**ଧର୍ମଶାଳା,୧୫।୧୨(ଡି.ଏନ.ଏ.)**

ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ମଙ୍ଗଳବାର ପବିତ୍ର ଧନୁ ସଂକ୍ରାନ୍ତିଠାରୁ ୩୭ତମ ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ ପୂଜା ଆରମ୍ଭ ହୋଇଛି। କରୋନା କଟକଣା ମଧ୍ୟରେ ମଣ୍ଡପରେ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟୀ ମୂର୍ତ୍ତି ନିରାଡ଼ମ୍ବର ଭାବେ ପୂଜାର୍ଚ୍ଚନା କରାଯାଉଛି। ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ବ୍ୟାରିକେଡର ବ୍ୟବସ୍ଥା କରାଯାଇଛି। ପ୍ରତିବର୍ଷ ଯେପରି ପୂଜାମଣ୍ଡପରେ ତୋରଣ, ସାଜସଜ୍ଜା, ଆଲୋକମାଳା ଓ ସାଉଣ୍ଡର ବ୍ୟବସ୍ଥା କରାଯାଇଥାଏ ତାହା ଏବର୍ଷ ଦେଖିବାକୁ ମିଳିନାହିଁ। ସକାଳୁ ବ୍ରାହ୍ମଣୀ ନଦୀରୁ ଜଳ ଅଣାଯାଇ ରୀତୀନୀତି ଅନୁଯାୟୀ ପୂଜା କରାଯାଇଛି। ୧୭ ତାରିଖ ବିସର୍ଜନ କରାଯାଇ ୧୮ତାରିଖ ସନ୍ଧ୍ୟାରେ ଭସାଣି ଅନୁଷ୍ଠିତ ହେବ। ଚଳିତ ବର୍ଷ ଧର୍ମଶାଳା ମହୋତ୍ସବକୁ ବାତିଲ କରାଯାଇଛି। କମିଟି ସଭାପତି ଜଳଧର ମହାନ୍ତି, ଉପସଭାପତି ଇନ୍ଦ୍ରମଣି ନାୟକ, ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସହ ସମ୍ପାଦକ ଆନନ୍ଦ ବିହାରୀ ନାୟକ ଓ କୋଷାଧ୍ୟକ୍ଷ ସୁଦୀପ୍ତ ସ୍ୱାଇଁଙ୍କ ସମେତ ସମସ୍ତ ସଦସ୍ୟ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି।

# ପରୀ ନ୍ୟାୟ ରଥ ପରିକ୍ରମାରେ ଲାଗିଲା ଅଙ୍କୁଶ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ।

**ନୟାଗଡ ଅଫିସ,୧୫।୧୨**

- ଅନୁମତି ନ ଥିବା ଦର୍ଶାଇ ବନ୍ଦ କଲା ପୋଲିସ
- ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଅନୁମତି ନ ଥିବା ଦର୍ଶାଇ ପରୀ ନ୍ୟାୟ ରଥକୁ ଜିଲା ପରିକ୍ରମା କରିବାରେ ଅଙ୍କୁଶ ଲଗାଇଛି ପୋଲିସ । ପ୍ରତିବାଦରେ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ନୟାଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଭାପତି ରଣଜିତ ଦାସଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଅନୁମତି ଦେବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି । ଏନେଇ ଦଳ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଛି । ଯଦି ପରୀ ରଥକୁ ପରିକ୍ରମା କରିବାର ଅନୁମତି ନ ମିଳେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ।

ସୂଚନାଯୋଗ୍ୟ, ପରୀ ପରିବାରକୁ ନ୍ୟାୟ ଦେବା ଦାବିରେ ପରୀ ନ୍ୟାୟ ରଥ ଗତ ୧୩ ତାରିଖରୁ ପରିକ୍ରମା ଆରମ୍ଭ କରିଥିଲା । ଦସ୍ତଖତ ଅଭିଯାନକୁ ପରୀର ମା'ସୌଦାମିନୀ ଓ ବାପା ଅଶୋକ ସାହୁ ଦସ୍ତଖତ କରି ଶୁଭାରମ୍ଭ କରିଥିଲେ । ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ପରୀ ନ୍ୟାୟ ରଥ ନୟାଗଡ ଜିଲା ପରିକ୍ରମା କରିଥାନ୍ତା। ପରିକ୍ରମା ସମୟରେ ଜିଲାବାସୀଙ୍କ ୫୦ ହଜାର ସ୍ୱାକ୍ଷର ସଂଗ୍ରହ ହୋଇଥାନ୍ତା । ପରେ ଏହି ଦସ୍ତଖତକୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କଂଗ୍ରେସର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ପ୍ରଦାନ କରିବାର ଥିଲା। ଏନେଇ ଜିଲା ସଭାପତି ରଣଜିତ ଦାଶ କୁହନ୍ତି, ମଙ୍ଗଳବାର ପରୀ ନ୍ୟାୟ ରଥ ଓଡଗାଁ ଯିବା ପାଇଁ ପ୍ରସ୍ତୁତ ହୋଇଥିଲା । ଏସ୍ଆଇଟି ତଦନ୍ତ ଆଳରେ ଜିଲାପାଳ ପରୀ ନ୍ୟାୟ ରଥକୁ ଅଙ୍କୁଶ ଲଗାଇଛନ୍ତି । ପରୀ ରଥ ପାଇଁ ଗତ ୯ ତାରିଖରେ ଏସ୍‌ପିଙ୍କ କାର୍ଯ୍ୟାଳୟରୁ ଅନୁମତି ମଗା ଯାଇଥିଲା । ହେଲେ ଏସପିଙ୍କ କାର୍ଯ୍ୟାଳୟରୁ କୌଣସି ଉତ୍ତର ମିଳି ନ ଥିଲା ବୋଲି ସେ କହିଛନ୍ତି । ନୟାଗଡ ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତି କହିଛନ୍ତି, ଅନୁମତି ନ ଥିବାରୁ କଂଗ୍ରେସକୁ ରଥ ପରିକ୍ରମା କରିବାକୁ ବାରଣ କରାଯାଇଛି । ଅନୁମତି ମିଳିଲେ ରଥ ପରିକ୍ରମା କରି ପାରିବ ।

# ପୁଣି ଛାତ୍ରଙ୍କ ଘରେ ଏସ୍ଆଇଟି

**ନୟାଗଡ ଅଫିସ,୧୫।୧୨**

ନୟାଗଡ ସଦର ଥାନା ଯଦୁପୁରର ଜଣେ କଲେଜ ଛାତ୍ରଙ୍କୁ ମଙ୍ଗଳବାର ଏସ୍ଆଇଟି ଓ କ୍ରାଇମବ୍ରାଞ୍ଚ ପକ୍ଷରୁ ଜେରା କରାଯାଇଛି । ଯଦୁପୁରର ଯୁକ୍ତ ୩ ପ୍ରଥମ ବର୍ଷ କଳା ଛାତ୍ର ସରୋଜ ସେଠୀଙ୍କୁ ହତ୍ୟାକାରୀ ଦର୍ଶାଇ ଏସ୍ଆଇଟି ଫସାଇବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଥିଲା। ଏନେଇ ସରୋଜ ନିଜକୁ ନିର୍ଦ୍ଦୋଷ କହି ନ୍ୟାୟ ମାଗିଥିଲେ। ଏସ୍ଆଇଟି ଟିମ୍ ମୁଖ୍ୟ ତାଙ୍କୁ ଫସାଇବାକୁ ଯୋଜନା ଜାରି ରଖିଥିବା କହିଥିଲେ। ଏଥିପାଇଁ ଧମକଚମକ ଦେଉଛନ୍ତି ଓ ୫ ଲକ୍ଷ ଟଙ୍କାର ଲୋଭ ଦେଖାଉଥିବା ସରୋଜ ରବିବାର ଅଭିଯୋଗ କରିଥିଲେ ।

# ପରିବା ହାଟ ସ୍ଥାନାନ୍ତର ନ ହେଲେ ଆନ୍ଦୋଳନ

**ପଟ୍ଟାମୁଣ୍ଡାଇ, ୧୫।୧୨ (ସ୍ୱ.ପ୍ର.)**

କରୋନା କଟକଣା ଯୋଗୁ ପଟ୍ଟାମୁଣ୍ଡାଇ ବନ୍ୟା ସୁରକ୍ଷା ବନ୍ଧ ବାଇପାସ୍ ନିକଟ ରାସ୍ତାକଡ଼ରେ ପରିବା ବିକ୍ରି କରିବାକୁ ପ୍ରଶାସନ ଜାଗା ଚିହ୍ନଟ କରିଥିଲେ। ରାସ୍ତାକଡ଼ରେ ବ୍ୟବସାୟ ସମୟରେ ଗହଳି ଯୋଗୁ ଯାନବାହନ ଚଳାଚଳରେ ଅସୁବିଧା ହେଉଛି। ଏଣୁ ଏହାକୁ ସ୍ଥାନାନ୍ତର ପାଇଁ ବ୍ୟବସାୟୀ ଓ ସ୍ଥାନୀୟ ଲୋକେ କହିଛନ୍ତି। ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ନିକଟରେ ଡେଲି ମାର୍କେଟ ଓ ସାପ୍ତାହିକ ହାଟରେ ପୁନର୍ବାର ପରିବା ବଜାର ଖୋଲିବାକୁ ସାଧାରଣରେ ଦାବି ହେଉଛି। ପରିବା ବିକୁଥିବା ଉଠାଦୋକାନୀମାନେ ସ୍ଥାୟୀ ପରିବା ହାଟରେ ବିକ୍ରି କରିବାକୁ ଆନ୍ଦୋଳନ କରିବାରୁ ସେମାନଙ୍କ ନାମରେ ମାମଲା ରୁଜୁ ହୋଇଛି। ଏଥିପାଇଁ ଉଠା ଓ ପରିବା ବିକ୍ରି କରୁଥିବା ଦୋକାନୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେମାନଙ୍କ ଉପରୁ ମାମଲା ପ୍ରତ୍ୟାହାର କରିବା ଓ ବସ୍‌ଷ୍ଟାଣ୍ଡ ପଛରେ ୨ ଏକର ବିଶିଷ୍ଟ ଅନାବାଦୀ ଜମିରେ ମାଟି ପକାଇ ନୂତନ ହାଟ କରିବାକୁ ନିରାକାର ମଲିକ, ସର୍ବେଶ୍ୱର ମଲ୍ଲ, ପ୍ରଫୁଲ୍ଲ ଗିରି, ରମେଶ ବେହେରା, ଜଗନ୍ନାଥ ମଲିକ, ସନାତନ ଗିରି, ମଞ୍ଜୁଳି ମଲିକ, ମନୋଜ ଗିରିଙ୍କ ସମେତ ୫୦ ଜଣ ପରିବା ବ୍ୟବସାୟୀ ଓ ସ୍ଥାନୀୟ ଲୋକ ଦାବି କରିଛନ୍ତି। ମାସକ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ବ୍ୟବସାୟୀମାନେ ଚେତାବନୀ ଦେଇଛନ୍ତି। ପଟ୍ଟାମୁଣ୍ଡାଇ ବଜାର ମଧ୍ୟସ୍ଥଳରେ ଥିବା ପରିବା ହାଟ ଓ ଡେଲି ମାର୍କେଟ୍‌କୁ କରୋନା ଯୋଗୁ ପ୍ରଶାସନ ମାର୍ଚ୍ଚ ୨୯ରେ ବନ୍ଦ କରି ଦେଇଥିଲେ। କରୋନା ନିୟମ କୋହଳ ହେବା ପରେ ପରିବା ବ୍ୟବସାୟୀମାନଙ୍କୁ ପୁଣି ଡେଲି ମାର୍କେଟ ଓ ସାପ୍ତାହିକ ହାଟ ପରିସରରେ ବ୍ୟବସାୟ କରିବାକୁ ଅନୁମତି ଦେବାକୁ ତହସିଲଦାର, ପୋଲିସ ପାଖରେ ବ୍ୟବସାୟୀମାନେ ଦାବି କରିଥିଲେ। ହେଲେ ପ୍ରଶାସନ ରାଜି ହୋଇ ନ ଥିଲା।

# ସୁପ୍ରିମକୋର୍ଟ ରାୟ ପରେ ରାସ୍ତା ନିର୍ମାଣ ଆରମ୍ଭ

**ଖଣ୍ଡପଡା,୧୫।୧୨(ସ୍ୱ.ପ୍ର.)**

ଅନୁଦାନ ଅର୍ଥ ମଞ୍ଜୁର ୪ ବର୍ଷ ପରେ ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି-କୋସକା ରାସ୍ତା ନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଆରମ୍ଭ ହେଉଛି । ରାସ୍ତା ପ୍ରଶସ୍ତୀକରଣ ପାଇଁ ନାବାର୍ଡ ପକ୍ଷରୁ ୧୫ କୋଟି ଟଙ୍କା ମଞ୍ଜୁର ହୋଇଥିଲା । ହେଲେ ଟେଣ୍ଡର ପ୍ରକ୍ରିୟାକୁ ନେଇ ୨ ଠିକାଦାରଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେବା ପରେ ଏହି ଘଟଣା ସୁପ୍ରିମକୋର୍ଟରେ ପହଞ୍ଚି ଥିଲା । ଶେଷରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ପରେ ରାସ୍ତା କାମ ଆରମ୍ଭ ହୋଇଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀ କହିଛନ୍ତି । ସୂଚନାଯୋଗ୍ୟ, ଖଣ୍ଡପଡାର ତତ୍କାଳୀନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ କାର୍ଯ୍ୟକାଳ ସମୟରେ ଉକ୍ତ ରାସ୍ତା ନିର୍ମାଣ ନିମନ୍ତେ ଅନୁଦାନ ଅର୍ଥ ମଞ୍ଜୁର ହୋଇଥିଲା । ରାସ୍ତା ନିର୍ମାଣ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଶେଷ ହେବା ସହ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଟେଣ୍ଡର ପ୍ରକ୍ରିୟାକୁ ନେଇ ଅନ୍ୟ ଜଣେ ଠିକାଦାର ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ରାସ୍ତା ନିର୍ମାଣ ବନ୍ଦ ହୋଇଯାଇଥିଲା ।

# ନୟାଗଡ଼ରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

**ନୟାଗଡ ଅଫିସ,୧୫।୧୨**

ନୟାଗଡ଼ ଜିଲାରେ ମେଡିକାଲ କଲେଜର ଆବଶ୍ୟକତା ରହିଛି। ସରକାର ଏଥିପ୍ରତି ଅଣଦେଖା କରିଚାଲିଛନ୍ତି । ନୟାଗଡ଼ରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ବହୁ ପୁରୁଣା। ଯାଜପୁର ଓ ପୁରୀରେ ମେଡିକାଲ କଲେଜ ପାଇଁ କ୍ୟାବିନେଟ ଅନୁମୋଦନ ମିଳିଛି । ଏହି ପରିପ୍ରେକ୍ଷିରେ ଜିଲାବାସୀ ଆନ୍ଦୋଳନ କରିବାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହେଉଛି ।

# ପ୍ରସ୍ତାବିତ ତ୍ରିବେଣୀ କାରଖାନା ସ୍ଥଳରେ ଧାରଣା

**ପାରାଦୀପ, ୧୫।୧୨ (ସ୍ୱ.ପ୍ର.)**



ପ୍ରସ୍ତାବିତ କମ୍ପାନୀ ସ୍ଥଳରେ ଧାରଣା ଦେଇଥିବା ଲୋକେ।

ପାରାଦୀପର ଭିତରଗଡ଼ ମୌଜାର ଶାମୁକାତୀ ନଦୀ ସୀମାରେ ତ୍ରିବେଣୀ ଆର୍ଥ ଆଣ୍ଡ ମୁଭର୍ସ କମ୍ପାନୀର ପ୍ରସ୍ତାବିତ ପେଲେଟ୍ ପ୍ଲାଣ୍ଟ ହେବାକୁ ଯାଉଛି। ହେଲେ କମ୍ପାନୀର ନିର୍ମାଣ ସ୍ଥଳରେ ମଙ୍ଗଳବାର କେତେଜଣ ଜମି ମାଲିକ ନିଜର ବୋଲି ଦାବି କରି ଧାରଣା ଦେଇଥିଲେ। ଦାବି ମୁତାବକ କମ୍ପାନୀ ହେବାକୁ ଥିବା ସ୍ଥାନ ମଧ୍ୟରେ ସେମାନଙ୍କ ଜମି ରହିଛି। ଅପରାହ୍ନ ଯାଏ ଧାରଣା ଚାଲିବା ପରେ ପାରାଦୀପ ଆଦର୍ଶ ଥାନା ପୋଲିସ ସେଠାରେ ପହଞ୍ଚି ଧାରଣା ଦେଇଥିବା ଲୋକଙ୍କ ସହ କଥା ହୋଇଥିଲା। ଆଲୋଚନା ପାଇଁ ପୋଲିସ ପ୍ରସ୍ତାବ ଦେବାରୁ ସେମାନେ ଧାରଣାରୁ ହଟି ଥିଲେ। ସନ୍ଧ୍ୟାରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଉଭୟପକ୍ଷଙ୍କ ଦଲିଲ, ଅନ୍ୟ କାଗଜପତ୍ର ଯାଞ୍ଚ କରାଯାଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ନିଷ୍କର୍ଷ ବାହାରି ପାରିନାହିଁ। ତ୍ରିବେଣୀ କମ୍ପାନୀକୁ ପାରାଦୀପ ବନ୍ଦର ଏସ୍ଆଇପିସି (ସ୍ମାର୍ଟ ଇଣ୍ଡଷ୍ଟ୍ରିଆଲ ପୋର୍ଟ ସିଟି) ଯୋଜନାରେ ୧୭୭ ଏକର ଜମି ଦେଇଛି। କିନ୍ତୁ ସେହି ଜାଗା ମଝିରେ ଧାରଣା ଦେଇଥିବା ମାଲିକଙ୍କ ୮ ଏକର ଜମି ଅଛି ବୋଲି ଦାବି କରାଯାଇଛି। ସେମାନଙ୍କ ନେତୃତ୍ୱ ନେଉଥିବା ରବୀନ୍ଦ୍ର ସ୍ୱାଇଁ କୁହନ୍ତି, ୧୯୬୩ରୁ ଆମ ପାଖରେ ପଟ୍ଟା, କବଲା ଆଦି ସମସ୍ତ ରେକର୍ଡ ଅଛି। ଏପରି କି ଏ ସମ୍ପର୍କରେ ବର୍ଷେ ହେଲା ସମସ୍ତ ସରକାରୀ ଦସ୍ତାବିଜ ଓ ଆଇନଗତ ପଦକ୍ଷେପ ନେଇଛୁ। ଶାମୁକାତୀ ନଦୀର କିସମ କିପରି ବଦଳିଗଲା ତା'ର କୌଣସି ସୂଚନା ପ୍ରଶାସନ ଦେଇ ପାରୁନାହିଁ। ଥାନା, ତହସିଲ ଦୌଡ଼ି ନିରାଶ ହେବା ପରେ କୋର୍ଟର ଦ୍ୱାରସ୍ଥ ହୋଇଛୁ। ଏବେ ସେହି ସ୍ଥାନରେ କୋର୍ଟ ଷ୍ଟାଟସ୍ ଜାରି କରିଛନ୍ତି। ଏହାସତ୍ତ୍ୱେ କାମ ହେବାରୁ ଧାରଣା ଦେଇଥିଲୁ। ପ୍ରଶାସନ ପାରାଦୀପ ବନ୍ଦର ଓ ତ୍ରିବେଣୀ କମ୍ପାନୀ ଆମର କାଗଜପତ୍ର ଯାଞ୍ଚ କରି ଆମ ଜାଗା ଚିହ୍ନାଇ ଦିଅନ୍ତୁ ବୋଲି ସ୍ୱାଇଁ କହିଛନ୍ତି।

# ପ୍ରତିଶ୍ରୁତି ରଖିଲେ ବିଧାୟିକା

## ଅଗ୍ନି ବିପନ୍ନଙ୍କ ଝିଅ ବାହାଘର ପାଇଁ ବଢ଼ାଇଲେ ସହାୟତାର ହାତ

**ବରୀ,୧୫।୧୨(ଡି.ଏନ.ଏ.)**

ପ୍ରତିଶ୍ରୁତି ପାଳନ କଲେ ବରୀ ବିଧାୟିକା ସୁନନ୍ଦା ଦାସ। ବରୀ ବ୍ଲକ ବାଇଁଶିରିଆ ପଞ୍ଚାୟତର ଅଗ୍ନି ବିପନ୍ନ ଟିକନ ମଲିକଙ୍କ ଝିଅ ବାହାଘରରେ ସହାୟତା ପ୍ରଦାନ ପାଇଁ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ମଙ୍ଗଳବାର ସମସ୍ତ ସାମଗ୍ରୀ ପ୍ରଦାନ କରିଛନ୍ତି। ବିବାହ ଉତ୍ସବ ଦିନ ବିଧାୟିକା ଅସୁସ୍ଥତା କାରଣରୁ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ ମଧ୍ୟ ସ୍ଥାନୀୟ ସନ୍ତନ ମଠ ନିକଟକୁ ବିବାହ ପାଇଁ ଆବଶ୍ୟକ ସମସ୍ତ ପ୍ରକାର ସାମଗ୍ରୀ ପଠାଇଥିଲେ। ତେବେ ବିପନ୍ନ ପରିବାରକୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିବା ତାଙ୍କ ମହାନତାର ପରିଚୟ ବୋଲି ବହୁ ବୁଦ୍ଧିଜିବୀ ମତବ୍ୟକ୍ତ କରିଛନ୍ତି।

ଗତ ୪ ତାରିଖ ରାତିରେ ବରୀ ବ୍ଲକ ବାଇଁଶିରିଆ ପଞ୍ଚାୟତର ଦଳିତ ବସ୍ତିରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ବସ୍ତିର ୯ ପରିବାର ବାସଗୃହ ସମେତ ସମସ୍ତ ଆସବାବପତ୍ର ଜଳି ପାଉଁଶ ହୋଇଯାଇଥିଲା। ଝିଅ ବାହାଘର ପାଇଁ ଟିକନ ରଖିଥିବା ଟଙ୍କା ଓ ସୁନାଗହଣା ସହ ଅନ୍ୟ ଆସବାବପତ୍ର ପୋଡ଼ି ପାଉଁଶ ହୋଇ ଯାଇଥିଲା। ବିଧାୟକ ଟିକନଙ୍କୁ ଭେଟି ବ୍ୟସ୍ତ ନ ହେବାକୁ କହିଥିଲେ। ମାତ୍ର ଟିକନ ବିବାହ କାର୍ଯ୍ୟରେ ସହାୟତା ଯୋଗାଇ ଦେବା ପାଇଁ ବିଧାୟିକାଙ୍କୁ ଗୁହାରି କରିଥିଲେ। ଏହାଶୁଣି ବିଧାୟିକା ବିବାହ ବନ୍ଦ ନ ରଖି ପ୍ରସ୍ତୁତି କର, ସମସ୍ତ ସାହାଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ବ୍ୟକ୍ତିଗତ ଭାବେ ପହଞ୍ଚାଇବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟିକାଙ୍କ ତରଫରୁ ବରୀ ବିଜେଡି ଆବାହକ ଦେବେନ୍ଦ୍ର ଦାସ, ବ୍ଲକ ବିଜେଡି ସଭାପତି କେଦାର ସାମଲ, ଅରବିନ୍ଦ ମହାନ୍ତି, ଜିଲାପରିଷଦ ସଭ୍ୟ ଅଶୋକ ସାମଲ, ସୁବୋଧ ଜେନା, ଅନ୍ନପୂର୍ଣ୍ଣା ମହାନ୍ତି ଓ ଛାତ୍ର ବିଜେଡି ସଭାପତି ସଦିଚ୍ଛା ସାମଲ ପ୍ରମୁଖ ଉପସ୍ଥିତ ରହି ନବ ଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

# ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଅନୁରୋଧ

## ଧର୍ମଶାଳା ପଞ୍ଚାୟତ ସମିତି ୮ମ ସାଧାରଣ ଅଧିବେଶନ

**ଧର୍ମଶାଳା,୧୫।୧୨(ଡି.ଏନ.ଏ.)**

ଧର୍ମଶାଳା ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ଅଧିବେଶନ ମଙ୍ଗଳବାର ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ଅଧ୍ୟକ୍ଷତାରେ ଏମ୍‌ପି ସର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯାଜପୁରରେ ମେଡିକାଲ କଲେଜ ପାଇଁ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମସ୍ତେ ଧନ୍ୟବାଦ ଜଣାଇଥିଲେ। ପରେ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ପଞ୍ଚାୟତର ପାନୀୟ ଜଳ ସମସ୍ୟା ଦୂର କରିବା ଲାଗି ରାଇଛନ୍ଦାଠାରେ ହେଉଥିବା ପ୍ରକଳ୍ପକୁ କେତେଜଣ ବିରୋଧ କରୁଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଅତିଥି।

ସରକାରୀ ଯୋଜନାରେ ବ୍ଲକ ଅଧୀନରେ ହେଉଥିବା ବିଭିନ୍ନ କାମରେ ଧର୍ମଶାଳା ବ୍ଲକ ଆଗୁଆ ରହିଥିବା ବେଳେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏ)ରେ ବ୍ଲକ ପଛରେ ଥିବାରୁ ସମସ୍ତ ସରପଞ୍ଚ, ସମିତିସଭ୍ୟମାନେ ସହଯୋଗ କରିବାକୁ ଏମ୍‌ପି ଓ ବିଧାୟକ ଅନୁରୋଧ କରିଥିଲେ। ଆମ ଗାଁ ଆମ ବିକାଶ ପଞ୍ଚମ ଓ ପଞ୍ଚଦଶ ଅର୍ଥ କମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଜିପିଓ ଦିବ୍ୟକାନ୍ତି ମିଶ୍ର ପୂର୍ବବୈଠକ ବିବରଣୀ ପାଠ କରିଥିଲେ। ଭାରପ୍ରାପ୍ତ ବିଡିଓ ଅସିତ ପାତ୍ର ସୂଚନା ପ୍ରଦାନ କରିଥିଲେ। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଧୀର କୁମାର ସାହୁ, ବିଇଓ ନିକୁଞ୍ଜ ବିହାରୀ ମାହାନ୍ତି, ଏଫଇଓ ବିଷ୍ଣୁଦତ ଧଳ ଓ ସିଡିପିଓ ସଂଯୁକ୍ତା ସାହୁ ପ୍ରମୁଖ ନିଜନିଜ ବିଭାଗ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କଣ୍ଟିଗଡିଆସ୍ଥିତ ବଡ଼ ପୋଖରୀରର ପୁନରୁଦ୍ଧାର କରାଯାଇ ଏକ ପର୍ଯ୍ୟଟନସ୍ଥଳୀରେ ପରିବର୍ତ୍ତନ କରିବାକୁ ସ୍ଥିର କରାଯାଇଥିବା ବେଳେ ଏହାର ନୂତନ ନାମକରଣ କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ସମିତିସଭ୍ୟ ଜଳଧର ମହାନ୍ତି, ଜଳଧର ସାହୁ, ବିନୋଦିନୀ ପରିଡା, ସରପଞ୍ଚ ହରିହର ରାଉତ, ନଗେନ ଦାସ, ଜିଲାପରିଷଦ ସଭ୍ୟ ନିରଞ୍ଜନ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବ୍ଲକ ଉପାଧ୍ୟକ୍ଷା ସୁଜାତା ରାଉତ ସଭ୍ୟମାନଙ୍କୁ ସ୍ୱାଗତ ଜଣାଇଥିଲେ। ବ୍ଲକ ହିସାବ ନିରୀକ୍ଷକ ନବ କିଶୋର ସାହୁ ଧନ୍ୟବାଦ ଦେଇଥିଲେ।

